# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29 August – 2026

*********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ
- ୨୦୨୯ ମସିହା ସୁଦ୍ଧା ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ପରମାଣୁ ଅସ୍ତ୍ରର ଭୟାବହତା ଦୂର କରି ଏକ ସୁରକ୍ଷିତ ବିଶ୍ୱ ଗଠନ ନିମନ୍ତେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ପରମାଣୁ ପରୀକ୍ଷା ବିରୋଧୀ ଦିବସ

ଏବଂ

- ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ

– ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Desk

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୭ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

BBSR/R

# ଡିଜିପି ଓ ଆଇଜିପି ସମ୍ମିଳନୀ

ଭୁବନେଶ୍ୱରସ୍ଥିତ ରାଜ୍ୟ ପୁଲିସ ଭବନଠାରେ ରାଜ୍ୟସ୍ତରୀୟ ଡିଜିପି ଏବଂ ଆଇ.ଜି.ପି. ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତରେ ହେବାକୁ ଥିବା ସ୍ମାର୍ଟ ପୋଲିସିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟଖସଡ଼ା ଉପସ୍ଥାପନ କରିଛନ୍ତି। ମହିଳା ବିରୋଧୀ ହିଂସାରେ

ଦଣ୍ଡବିଧାନ ହାର ୪୦ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି।

ପୁଲିସ ସଂସ୍କାର ପାଇଁ ପ୍ରତ୍ୟେକ ପ୍ରସ୍ତାବ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହିତ ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାର ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୁଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି। ରାଜ୍ୟକୁ ୨୦୨୯ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ନିଶାମୁକ୍ତ ଓଡ଼ିଶାରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ନିଶା କାରବାର ବନ୍ଦ ହେଲେ ରାଜ୍ୟରେ ଅପରାଧ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ପୁଲିସ ବିଭାଗର ନିରନ୍ତର ନିଷ୍ଠା ଓ ଉତ୍ସର୍ଗୀକୃତ ସେବା ଯୋଗୁଁ ଓଡ଼ିଶା ସମ୍ପୂର୍ଣ୍ଣ ନିଶାମୁକ୍ତ ରାସ୍ତାରେ ଅଗ୍ରସର ହେଉଛି।

BBSR/RMalkangiri/Kendrapada/Nabarangpur

## ଜାତୀୟ କ୍ରୀଡ଼ା ଦିବସ

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। ମେଜର ଧ୍ୟାନଚାନ୍ଦଙ୍କ ଅଧିନାୟକତ୍ୱରେ ୩

ଥର ଲଗାତାର ଭାବେ ଭାରତ ୧୯୨୮, ୧୯୩୨ ଏବଂ ୧୯୩୬ ମସିହାରେ ହକିରେ ଅଲିମ୍ପିକ୍ସ ପଦକ ଜିତିଥିଲା। ଚଳିତ ବର୍ଷ ଜାତୀୟ କ୍ରୀଡ଼ା ଦିବସର ଶୀର୍ଷକ ରହିଛି **"ଖେଳିବ ଭାରତ, ଜିତିବ ଭାରତ"**।

ଭୁବନେଶ୍ୱରସ୍ଥିତ ଡି.ଜି.ପି. କ୍ୟାମ୍ପ କାର୍ଯ୍ୟାଳୟଠାରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କୃତି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ମିଶ୍ର କ୍ରୀଡ଼ାବିତମାନଙ୍କ ନିଷ୍ଠା, ପରିଶ୍ରମ ଓ ଉତ୍କର୍ଷର ପ୍ରଶଂସା କରିବା ସହ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପୁଲିସର ସୁନାମ ବଢ଼ାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ।

ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ଏହି ଦିବସ ଅବସରରେ ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା କେବଳ ଶାରୀରିକ ଦକ୍ଷତା ନୁହେଁ ବରଂ ମାନସିକ ସୁସ୍ଥତା ପାଇଁ ଅପରିହାର୍ଯ୍ୟ ଏବଂ ଖେଲୋ ଇଣ୍ଡିଆ ଅଭିଯାନ ଜରିଆରେ କ୍ରୀଡ଼ାକୁ ସରକାର ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲାରେ ଆଜିଠାରୁ ତିନିଦିନବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଗ୍ରାମାଞ୍ଚଳସ୍ତରରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାମାନଙ୍କୁ

ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଜିଲ୍ଲାପାଳ ରଘୁରାମ ଆର୍.ଆୟାର କହିଛନ୍ତି ।

ମାଲକାନଗିରି ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ଦିବସ ଅବସରରେ ୧ ଘଣ୍ଟା ଖେଳ ପଡ଼ିଆରେ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

Kendujhar/Dhenkanal

## ଜିଲ୍ଲା- କ୍ରୀଡ଼ା ଦିବସ

କେନ୍ଦୁଝର ଜିଲ୍ଲା ହ୍ୟାଣ୍ଡବଲ ଗ୍ରାଉଣ୍ଡଠାରେ ଏହି ଦିବସରେ ମୁଖ୍ୟ ଅତିଥିଭାବେ ସାଂସଦ ଅନନ୍ତ ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ୫୦୦ରୁ କ୍ରୀଡ଼ାବିତ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

ଢେଙ୍କାନାଳ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ କ୍ରୀଡ଼ାବିତମାନଙ୍କୁ ସେମାନଙ୍କର ଲକ୍ଷ୍ୟ ଏବଂ ଦେଶ ପାଇଁ ଗୌରବ ଆଣିବା ପାଇଁ ଉତ୍ସାହିତ କରିଥିଲେ ।

Desk

## ପରମାଣୁ ପରୀକ୍ଷା ବିରୋଧୀ ଦିବସ

ପରମାଣୁ ଅସ୍ତ୍ରର ଭୟାବହତା ଦୂର କରି ଏକ ସୁରକ୍ଷିତ ବିଶ୍ୱ ଗଠନ ନିମନ୍ତେ ଆଜି ପାଳନ କରାଯାଉଛି "ପରମାଣୁ ପରୀକ୍ଷଣ ବିରୋଧୀ

ଅନ୍ତର୍ଜାତୀୟ ଦିବସ" । ମାନବ ସମାଜ, ପରିବେଶ ଏବଂ ପୃଥିବୀର ସୁରକ୍ଷା ପାଇଁ ପରମାଣୁ ଅସ୍ତ୍ରଶସ୍ତ୍ରର ପରୀକ୍ଷଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଲାଗି ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ। ୨୦୦୯ ଡିସେମ୍ବର ୨ ତାରିଖରେ ଜାତିସଂଘ ସାଧାରଣ ସଭାରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ସୂଚନା ଅନୁଯାୟୀ ୧୯୪୫ ମସିହାରୁ ଏପର୍ଯ୍ୟନ୍ତ ବିଶ୍ୱରେ ଦୁଇ ହଜାରରୁ ଅଧିକ ପରମାଣୁ ପରୀକ୍ଷଣ କରାଯାଇଛି। ମଣିଷ ସ୍ୱାସ୍ଥ୍ୟ ଉପରେ ପରମାଣୁ ପରୀକ୍ଷଣର ପ୍ରଭାବ ଅତ୍ୟନ୍ତ ଭୟାବହ ହୋଇଥାଏ। ଏହାର ରେଡିଓଆକ୍ଟିଭ ବିକିରଣ ବାୟୁମଣ୍ଡଳ, ମୃତ୍ତିକା ଏବଂ ସମୁଦ୍ରକୁ ଦୂଷିତ କରିବାର ଦୃଷ୍ଟାନ୍ତ ରହିଛି। ଏକ ଶାନ୍ତିପୂର୍ଣ୍ଣ ଏବଂ ପରମାଣୁ-ମୁକ୍ତ ପୃଥିବୀ ଗଠନ ଉଦ୍ଦେଶ୍ୟରେ ସମସ୍ତଙ୍କ ସଚେତନତା ଓ ସହଯୋଗ ଲାଗି ଆଜିର ଦିନରେ ଆହ୍ୱାନ ଦିଆଯାଇଛି।

BBSR/R

## ମୃତ୍ତିକା ସଂରକ୍ଷଣ ବୈଠକ

କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣର ବିକାଶ ନେଇ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିଲିକା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ନେଇ ସେ କୃଷି ସମ୍ପର୍କିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଏବଂ ସ୍ଥିତି ନେଇ ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, କୃଷି ଓ

ଉଦ୍ୟାନ କୃଷିକୁ ଏକ ମର୍ଯ୍ୟାଦାଜନକ ସ୍ଥିତିରେ ପହଁଞ୍ଚାଇବାକୁ ହେଲେ ଏକ ସମନ୍ୱିତ କାର୍ଯ୍ୟଶୈଳୀ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ହେବ।

Desk

## ନିଶାମୁକ୍ତ ଭାରତ ଅଭିଯାନ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ କେନ୍ଦୁଝର କାର୍ଯ୍ୟାଳୟ ପକ୍ଷରୁ ଘଟଗାଁ ବ୍ଲକ ଅଧୀନ ପିପିଲିଆ ଲକ୍ଷ୍ମୀନାରାୟଣ ଡିଗ୍ରୀ ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଶୀର୍ଷକ କର୍ମଶାଳା ହୋଇଯାଇଛି। ଦୁଇଦିନିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ନିଶାମୁକ୍ତ ଭାରତ ସଚେତନତା ଶୋଭାଯାତ୍ରା ଏବଂ ଶପଥପାଠର ଆୟୋଜନ କରାଯାଇଥିଲା। କେନ୍ଦ୍ରୀୟ ସଂଚାର ବ୍ୟୁରୋ’ର ଅଧିକାରୀ ପାର୍ଥସାରଥୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଦୈତାରୀ ମହନ୍ତଙ୍କ ସମେତ ବିଭିନ୍ନ ବର୍ଗର ଅତିଥିମାନେ ଯୋଗଦେଇ ନିଶାମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସାକାର କରିବା ପାଇଁ କହିଥିଲେ।

Jharsuguda

## ସଡ଼କ ସୁରକ୍ଷା କମିଟି

ଝାରସୁଗୁଡ଼ାଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ଜାତୀୟ ରାଜପଥ ସୁରକ୍ଷା

ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଡ଼କ ଦୁର୍ଘଟଣା ହ୍ରାସ, ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ହେଲମେଟ୍ ବ୍ୟବହାର, ମଦ୍ୟପ ଡ୍ରାଇଭିଂ ଯାଞ୍ଚ ଓ ମାଲବାହୀ ଯାନରେ ଯାତ୍ରୀ ପରିବହନ ରୋକିବା ସହ ନିୟମ ଉଲ୍ଲଘଂନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

Debagada

## ଆଧାରକାର୍ଡ ଅପଡେଟ

ଦେବଗଡ଼ରେ ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଆଭାସୀ ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୦ ବର୍ଷରୁ ଅଧିକ ପୁରୁଣା ଆଧାରକାର୍ଡ ଥିଲେ ତାହାକୁ ତୁରନ୍ତ ଅପଡେଟ୍ କରିବା ପାଇଁ କୁହାଯାଇଛି। ଜିଲ୍ଲାରେ ୫ ବର୍ଷ ମଧ୍ୟରେ ଥିବା ଶିଶୁ ଏବଂ ୫ ବର୍ଷରୁ ୧୮ ବର୍ଷ ମଧ୍ୟରେ ଥିବା ପିଲାମାନଙ୍କର ଆଧାର ସଂଖ୍ୟା କମ୍ ଥିବାରୁ ଆଗାମୀ ଦିନରେ ଆଧାରକାର୍ଡ ପଞ୍ଜୀକରଣ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଆଧାର ଅପଡେଟ୍, ସିଡିପିଓ, ଆଇ.ସି.ଡି.ଏସ୍, ଅଙ୍ଗନବାଡ଼ି, ଆଶାକର୍ମୀ, ଯୋଗାଣ ବିଭାଗ ପକ୍ଷରୁ ରାସନକାର୍ଡ ବିତରଣ କେନ୍ଦ୍ରଗୁଡ଼ିକର ହିତାଧିକାରୀଙ୍କୁ ଆଧାରକାର୍ଡ ଅପଡେଟ୍ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

Baragada/Ganjam(2)/Jharsuguda

## ବର୍ତ୍ତମାନ ଶୁଣନ୍ତୁ ସମ୍ବାଦ ସଂକ୍ଷେପରେ...

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାକ୍ଷେତ୍ରରେ ଅଧିକ ସଶକ୍ତ କରିବା ଓ ଡିଜିଟାଲ ଶିକ୍ଷା ସହ ଯୋଡ଼ିବା ଉଦ୍ଦେଶ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୧୯ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପଟାପ ବଣ୍ଟନ କରାଯାଇଛି ।

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସହରାଞ୍ଚଳରେ ଗୃହହୀନ ଯୋଗ୍ୟ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ସ୍ଥାୟୀ ବାସଗୃହ ଯୋଗାଣ ନେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ ସମୀକ୍ଷା କରିଛନ୍ତି ।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ଶିଶୁ ଯତ୍ନ ଓ ପରିବାରରୁ ଶିଶୁମାନଙ୍କୁ ବିଚ୍ଛିନ୍ନତା ନିବାରଣ ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ଆଜି ବରଗଡ଼ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥା ବୁଲି ଦେଖିବା ସହ ସମୀକ୍ଷା କରିଛନ୍ତି ।

Desk

## ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ, ବାଂଲାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। କେନ୍ଦୁଝର, ଯାଜପୁର, ଜଗତ୍‌ସିଂହପୁର, ଅନୁଗୁଳ, ଢେଙ୍କାନାଳ ଓ କଟକ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ରାଜ୍ୟର ସମସ୍ତ ବନ୍ଦରରେ ୩ ନମ୍ବର ବିପଦସଙ୍କେତ ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜର ବାଙ୍ଗିରିପୋଷିରେ ସର୍ବାଧିକ ୧୫୯ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।